# ପିଲାଙ୍କ ଧରିତ୍ରୀ

ଶନିବାର, ୨୬ ନଭେମ୍ବର, ୨୦୨୨




## ଖିଲି ଖିଲି ହସ

ପପୁ- ତପୁ, ତୁ କ'ଣ ଏତେ ଭାବୁଛୁ ?
ତପୁ- କାଲି ରାତିରେ ଜୋର୍‌ରେ ପବନ ହେଲା। ସେଥିରେ ଗୋଟେ ଟି ଶାର୍ଟ ଉଡ଼ିଆସି ଆମ ବାଲ୍‌କୋନୀରେ ପଡ଼ିଛି।
ପପୁ- ତେବେ ଅସୁବିଧା କ'ଣ ହେଲା ?
ତପୁ- ମୁଁ ଏଇଆ ଭାବୁଛି ଯେ, ସେ ଟି ଶାର୍ଟକୁ ମ୍ୟାଚ୍ କରି ଆଉ ଗୋଟେ ପ୍ୟାଣ୍ଟ କିଣିବି ନା ଆଉ ଥରେ ଜୋର୍‌ରେ ପବନ ହେବାକୁ ଅପେକ୍ଷା କରିବି।

(ଦୁଇ ଜଣ ବ୍ୟକ୍ତିଙ୍କ ମଧ୍ୟରେ କଥାବାର୍ତ୍ତା)
ପ୍ରଥମ ବ୍ୟକ୍ତି ବହୁତ ଦୁଃଖରେ ବସିଥିଲେ। ଦ୍ୱିତୀୟ ବ୍ୟକ୍ତି କହିଲେ- ଭାଇ କାହିଁକି ମନ ଦୁଃଖ କରି ବସିଛ ?
ପ୍ରଥମ ବ୍ୟକ୍ତି- ମୁଁ ମୋର ଗୋଟେ ସାଙ୍ଗକୁ ପ୍ଲାଷ୍ଟିକ୍ ସର୍ଜରି କରିବା ପାଇଁ ୨ ଲକ୍ଷ ଟଙ୍କା ଦେଇଥିଲି। ଏବେ ତାକୁ ମୁଁ ଚିହ୍ନିପାରୁନି ସେ କିଏ !

ରାଜୁଙ୍କ ଘରକୁ ଗେଷ୍ଟ ଆସିଥିଲେ। ରାଜୁକୁ ଦେଖି ଗେଷ୍ଟ ପଚାରିଲେ- ଆରେ ପୁଅ ଭବିଷ୍ୟତର ପ୍ଲାନ କ'ଣ ?
ରାଜୁ: ଆପଣ ଯାଇସାରିଲେ ବିସ୍କୁଟ ଖାଇବି। ଆପଣ ତ ଲୁଣି ଜିନିଷ ସବୁ ଖାଇ ଦେଇଛନ୍ତି ଆଉ କ'ଣ କରିବି ?

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ପୁସ୍ତକ ଶାନ୍ତିର ଆହାର

ଗପ

ଜଣେ ସାହିତ୍ୟିକ ରାସ୍ତାରେ ଯାଉଥାନ୍ତି। ସେ ଦେଖିଲେ ରାସ୍ତାରେ ଥିବା ବରଗଛ ମୂଳେ ଜଣେ ବୟସ୍କ ବ୍ୟକ୍ତି ବସି ଦୁଃଖରେ ଆଖିରୁ ଲୁହ ଗଡ଼ାଉଛନ୍ତି। ସାହିତ୍ୟିକ ବନ୍ଧୁ ଜଣକ ତାଙ୍କୁ ପଚାରିଲେ, କ'ଣ ଭାଇ ତୁମେ କାହିଁକି ଏକୁଟିଆ ଏ ନିଛାଟିଆ ରାସ୍ତା ପାଖ ଗଛମୂଳେ ବସି କାନ୍ଦୁଛ ? ଲୋକଟି ଠିଆ ହୋଇ କହିଲା, କ'ଣ କରିବି ଆଜ୍ଞା, ବାହା ହୋଇ ସଂସାର କଲି, ପୁଅଝିଅଙ୍କୁ ପାଠ ପଢ଼େଇଲି, ସେମାନଙ୍କୁ ମଧ୍ୟ ବାହା କରେଇଲି। ଜମିବାଡ଼ି କିଣି, ଘର ବନେଇଲି। ହେଲେ ଆମ ଘର ଭିତରେ ସବୁବେଳେ ଝଗଡ଼ା ଓ ଅଶାନ୍ତି। ଏତେ ଖଟି ଖଟି ଜୀବନର ପଞ୍ଚସ୍ତରି ଭାଗ ସମୟ ସଂସାର ପାଇଁ ତ୍ୟାଗ କଲି, ହେଲେ ମୁଁ ପାଇଲି କ'ଣ ? ଖାଲି ଦୁଃଖ ଓ ଯନ୍ତ୍ରଣା। ଟିକିଏ ଶାନ୍ତି ପାଇଁ କି ଉପାୟ ରହିଛି ଆପଣଙ୍କ ଭଳି ବିଜ୍ଞଲୋକ ହିଁ ଏହାର ସମାଧାନ କରିପାରିବେ। ମୁଁ ପୂରା ହତାଶ। ଏହାର ସୂତ୍ର ଯଦି ଆପଣ ନ ଦେବେ ମୁଁ ସ୍ଥିର କରିଛି, ଏଇ ବରଗଛ ଡାଳରେ ଦଉଡ଼ି ଦେଇ ଆତ୍ମହତ୍ୟା କରିବି। ସାହିତ୍ୟିକ ବନ୍ଧୁଜଣକ ସବୁକଥା ଶୁଣିଲେ ଓ କହିଲେ, ଦେଖନ୍ତୁ ଆମେ ସର୍ବଦା ଶାନ୍ତି ପାଇଁ ପାଗଳ। ଶାନ୍ତି ଟିକିଏ ପାଇଁ ଏଣେତେଣେ ବୁଲୁଛେ। କସ୍ତୁରୀ ମୃଗ ଜଙ୍ଗଲରେ ଘୁରିବା ପରି ଆମେ ମଧ୍ୟ ମରୀଚିକା ପଛରେ ଧାଉଁଛେ। ଶାନ୍ତି ଆମ ଭିତରେ ରହିଛି। ଏହାର ଏକ ସହଜ ସୂତ୍ର ଅଛି, ଶୁଣ, ତୁମେ ଯଦି ଭୁରି ଭୋଜନର ଆୟୋଜନ କରିବ, ତେବେ ଗୋଟିଏ ଦିନର ଆନନ୍ଦ ବା ଶାନ୍ତି ପାଇଯିବ। ଯଦି ତୀର୍ଥସ୍ଥାନ ପରିଭ୍ରମଣ କରିବ, ତୁମେ ବର୍ଷକର ଶାନ୍ତି ପାଇବ। କିନ୍ତୁ ତୁମେ ଯଦି ସବୁବେଳେ ବହି ପଢୁଥିବ। ତେବେ ସାରା ଜୀବନ ଶାନ୍ତି ପାଉଥିବ। ଅମୃତସାଗରରୁ ପ୍ରତି ମୁହୂର୍ତ୍ତ ଆନନ୍ଦ ପାଇ ଜୀବନକୁ ଶାନ୍ତିମୟ ଓ ପବିତ୍ରମୟ କରିଦେଇ ପାରିବ। ସୁତରାଂ ପୁସ୍ତକ ହିଁ ଶାନ୍ତି ପାଇବାର ସର୍ବଶ୍ରେଷ୍ଠ ମାର୍ଗ। ଘର ପ୍ରଶାନ୍ତି ଭଣ୍ଡାରରେ ପୂର୍ଣ୍ଣ ହୋଇଯିବ। ଏହାପରେ ତୁମ ଜୀବନକୁ ଆନନ୍ଦମୟ ଓ ପୁଷ୍ପମୟ କରିଦେବାକୁ ପୂର୍ଣ୍ଣ ସମର୍ଥ ହୋଇପାରିବ। ନିଜେ ଆନନ୍ଦ ପାଇବା ସଙ୍ଗେ ସଙ୍ଗେ ବିଶ୍ୱକୁ ଅମୃତମୟ କରିଦେବ।



ଆତ୍ମହରା ହୋଇଯାଇଥିବା ଲୋକଟି ସାହିତ୍ୟିକ ବନ୍ଧୁଙ୍କର ଏଭଳି ସରଳ ସୂତ୍ର ପାଇ ଆନନ୍ଦରେ ଗଦ୍‌ଗଦ୍ ହୋଇଗଲେ। କହିଲେ, ମୁଁ ଆଜ୍ଞା ପାଠ ପଢ଼ିଛି। ଛୋଟିଆ ଚାକିରି କରିଥିଲି। ଏବେ ଅବସର ନେଇ ସାରିଛି। ସମୟ ପାଇବି। ଓଡ଼ିଶାରେ ଆୟୋଜିତ ବିଭିନ୍ନ ପୁସ୍ତକ ମେଳାକୁ ଯାଇ ମନ ମୁତାବକ ବହି କିଣି ଆଣିବି। ଲୋକଟି ସାହିତ୍ୟିକ ବନ୍ଧୁଙ୍କୁ ଅଶେଷ କୃତଜ୍ଞତା ଜଣାଇଲେ। ଆତ୍ମହତ୍ୟା ପରିବର୍ତ୍ତେ ସେ ଆତ୍ମସମୀକ୍ଷା କଲେ। ବହୁ ପୁସ୍ତକ ପଢ଼ିବା ସହ ପାଠାଗାର ମଧ୍ୟ ତିଆରି କରିଦେଲେ। ନିଜେ ଆନନ୍ଦରେ ରହିବା ସହ ପରିବାରକୁ ମଧ୍ୟ ଶାନ୍ତିରେ ଚଳାଇଲେ। ଅନ୍ୟମାନଙ୍କୁ ପରାମର୍ଶ ଦେଲେ, ପୁସ୍ତକ ଶାନ୍ତି ପାଇବାର ପ୍ରଧାନ ମାର୍ଗ। ପୁସ୍ତକ ହିଁ ଶାନ୍ତିର ଆହାର।

**-ଶଶଧର ମହନ୍ତୀ**
ବରାଳ ପୋଖରୀ, ଚରମ୍ପା, ଭଦ୍ରକ
ମୋ:୭୯୭୮୫୦୬୬୪୭

## ମତାମତ

▶▶ ପ୍ରଚ୍ଛଦ ପ୍ରସଙ୍ଗ 'ବେଲୁନ୍‌ର ଜନ୍ମକଥା' ଶିକ୍ଷଣୀୟ ହୋଇପାରିଛି।
**-ଯୋଗମାୟା ମହାରଣା,** ପିପିଲି, ପୁରୀ

▶▶ 'ଜଣା ଅଜଣା' ସ୍ତମ୍ଭରୁ ନୂଆ କଥା ଜାଣିବାକୁ ମିଳୁଛି।
**-ଦୀପ୍ତିରେଖା ସ୍ୱାଇଁ,** ପାରଳାଖେମୁଣ୍ଡି, ଗଜପତି

▶▶ 'ପିଲାଙ୍କ ଧରିତ୍ରୀ'ର ପୃଷ୍ଠା ସଂଖ୍ୟା ବୃଦ୍ଧି କରିବାକୁ ଅନୁରୋଧ।
**-ରାଜେଶ ଜେନା,** ଓଡ଼ଗାଁ, ନୟାଗଡ଼

▶▶ 'କବିତା' ସ୍ତମ୍ଭରେ ପ୍ରକାଶ ପାଇଥିବା ସମସ୍ତ କବିତା ହୃଦୟସ୍ପର୍ଶୀ ହୋଇପାରିଛି।
**-ମାନସ ପ୍ରହରାଜ,** ରେଙ୍ଗାଲି, ସମ୍ବଲପୁର

▶▶ 'ରଙ୍ଗଦିଅ' କରିବାକୁ ମଜା ଲାଗୁଛି।
**-ବୈଶାଳୀ ମଙ୍ଗରାଜ,** ଜୋବ୍ରା, କଟକ

## ରଙ୍ଗ ଦିଅ





# ବାଦାମ କିଛି ରୋଚକ କଥା

❖ ବାଦାମ ଏକ ତୈଳଜାତୀୟ ଫସଲ। ଏହା ଗ୍ରାଉଣ୍ଡନଟ୍, ଗୁବର, ପିଣ୍ଡର ଏବଂ ମଙ୍କିନଟ୍ ଭାବରେ ମଧ୍ୟ ପରିଚିତ।

❖ ଏହା ପ୍ରଥମେ ଦକ୍ଷିଣ ଆମେରିକାରେ ଉତ୍ପାଦନ କରାଯାଉଥିଲା। ଗ୍ରୀଷ୍ମ ଅନୁଭୂତ ହେଉଥିବା ଅଞ୍ଚଳରେ ଏହା ଚାଷ କରାଯାଏ।

❖ ତେବେ ଜାଣି ଆଶ୍ଚର୍ଯ୍ୟ ହେବ ବାଦାମର କଠିନ ଖୋଳପାକୁ ପୁନଃ ବ୍ୟବହାରଯୋଗ୍ୟ ମଧ୍ୟ କରାଯାଇଥାଏ। ଏହା ଇକୋ-ଫ୍ରେଣ୍ଡଲି ହୋଇଥିବାରୁ ନିଆଁ ଜଳେଇବା ପାଇଁ କାଠ ପରିବର୍ତ୍ତେ ଏହାକୁ ବ୍ୟବହାର କରାଯାଏ।

❖ ଏହା ଗୃହପାଳିତ ପ୍ରାଣୀମାନଙ୍କ ଖାଦ୍ୟଦାନା ଏବଂ କମ୍ପୋଷ୍ଟ ଖତ ପାଇଁ ମଧ୍ୟ କାମରେ ଆସିଥାଏ।

❖ ଊନବିଂଶ ଶତାବ୍ଦୀରେ ବିଭିନ୍ନ ହଲ୍‌ରେ ପିନଟ୍ ଗ୍ୟାଲେରୀ ଲୋକପ୍ରିୟ ହୋଇଥିଲା। କାରଣ ଥିଏଟରର ପଛ ସିଟ୍ ଏବଂ ଉପର ବାଲକୋନୀର ସିଟ୍ ବହୁତ ଶସ୍ତାରେ ମିଳୁଥିଲା। ତେଣୁ ଥିଏଟରର ଏହି ଭାଗକୁ ହିଁ ପିନଟ୍ ଗ୍ୟାଲେରୀ କୁହାଯାଉଥିଲା। ଏଠାକୁ ଆସୁଥିବା ଲୋକମାନଙ୍କୁ ବାଦାମ ହିଁ ସ୍ନାକ୍ସ ଭାବରେ ଦିଆଯାଉଥିଲା। ଥିଏଟରରେ ଶିଳ୍ପୀମାନେ ଖରାପ ପ୍ରଦର୍ଶନ କଲେ ଦର୍ଶକ ବାଦାମ ଫୋପାଡି ସେମାନଙ୍କୁ ସମାଲୋଚନା କରୁଥିଲେ।

ଆମର ନିତିଦିନିଆ ଜୀବନରେ ବିଜ୍ଞାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପରିବେଶରେ ଘଟୁଥିବା ଘଟଣାଗୁଡ଼ିକୁ ଆମେ ଯେତେବେଳେ ବୁଝିବାକୁ ଚେଷ୍ଟା କରୁ, ଅନୁଶୀଳନ ପ୍ରକ୍ରିୟାରେ ସତ୍ୟ ଆବିଷ୍କୃତ କରୁ। ମଣିଷର ପ୍ରତ୍ୟେକଟି କାର୍ଯ୍ୟରେ ବିଜ୍ଞାନ ଓତଃପ୍ରୋତ ଭାବେ ଜଡ଼ିତ।



# ବିଜ୍ଞାନ ପଥେ...

ବର୍ତ୍ତମାନର ସମୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସମୟ। ପ୍ରତିଟି କ୍ଷେତ୍ରରେ ପିଲାଙ୍କ ବିଜ୍ଞାନ ପ୍ରତି ରୁଚି ବଢ଼େଇବା ନିହାତି ଦରକାର। କେବଳ ପାଠରେ କାହିଁକି ପିଲାମାନେ ସେମାନଙ୍କର ନିତିଦିନିଆ କାର୍ଯ୍ୟରେ ବିଜ୍ଞାନଭିତ୍ତିକ କାରଣ ଜାଣିବା ଦରକାର। ନିରୀକ୍ଷଣ ଏବଂ ପରୀକ୍ଷଣ କରିବା ହେଉଛି ବିଜ୍ଞାନର ମୂଳ ଜିନିଷ। ଅଭିଭାବକ ମଧ୍ୟ ଚାହାନ୍ତି ପିଲା ସ୍କୁଲଶିକ୍ଷା ସମାପ୍ତ ପରେ ବିଜ୍ଞାନକୁ ନିଜ କ୍ୟାରିୟର ଭାବେ ବାଛନ୍ତୁ। ତେବେ ପିଲାଙ୍କୁ ବୈଜ୍ଞାନିକ ମନୋବୃତ୍ତି ଆଣିବାକୁ ହେଲେ କେବଳ ଶ୍ରେଣୀଗୃହ ପାଠ ନୁହେଁ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବା ଆବଶ୍ୟକ।

## ରୋଷେଇଘର ଜିନିଷରେ ଏକ୍ସପେରିମେଣ୍ଟ କରେ



ମୋତେ ପ୍ରଥମେ ବିଜ୍ଞାନ ପଢ଼ିବାକୁ ଭଲ ଲାଗୁ ନ ଥିଲା। ତେଣୁ ବାପା ମୋତେ ସାଇନ୍ସ ମ୍ୟୁଜିୟମ, ପାର୍କ ଇତ୍ୟାଦି ବୁଲିବାକୁ ନେଲେ। ପରବର୍ତ୍ତୀ ସମୟରେ ରୋଷେଇଘରର ଜିନିଷରେ ସାଇନ୍ସ ଏକ୍ସପେରିମେଣ୍ଟ କରିବାକୁ ବାପା ଉତ୍ସାହିତ କଲେ। ପରେ ବହିରେ ଏସବୁ ବିଷୟରେ ପଢ଼ିବାକୁ ସହଜ ହେଉଛି। ଏଥିସହ ମୋ ବିଜ୍ଞାନ ସାର୍‌ଙ୍କ ପରାମର୍ଶ କ୍ରମେ ଲାଇବ୍ରେରିରୁ ବିଜ୍ଞାନଭିତ୍ତିକ ଗପ ବହି ମଧ୍ୟ ଆଣିଛି। ଗପ ମାଧ୍ୟମରେ ବିଜ୍ଞାନ ପଢ଼ିବାକୁ ମଜା ଲାଗୁଛି।

**-ପଦ୍ମିନୀ ସାହୁ**, କ୍ଲାସ୍-୫, ଶ୍ରୀ ଅରବିନ୍ଦ ସ୍କୁଲ ଅଫ୍ ଇଣ୍ଟିଗ୍ରାଲ ଏଜୁକେଶନ, ଭୁବନେଶ୍ୱର

## ଛୁଟିଦିନରେ ସାଇନ୍ସ ମ୍ୟୁଜିୟମ ଯାଏ



ପ୍ରତିବର୍ଷ ଆମ ସ୍କୁଲରେ ବିଜ୍ଞାନମେଳା ଆୟୋଜନ ହୁଏ। ମୁଁ ମଧ୍ୟ ପ୍ରତିଥର ଭାଗ ନିଏ। ଏପରି କି ବ୍ଲକ ଏବଂ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେଇଛି। ପ୍ରଥମେ ବିଜ୍ଞାନରେ ଅତି ଖରାପ ପ୍ରଦର୍ଶନ କରୁଥିଲି। ଏଥିପ୍ରତି ମୋର ରୁଚି ବଢ଼ାଇବା ପାଇଁ ବାପା ଓ କ୍ଲାସ୍ ଟିଚର୍ ମୋତେ ବହୁତ ସାହାଯ୍ୟ କରିଛନ୍ତି। ସାର୍‌ଙ୍କ ପରାମର୍ଶରେ ବାପା ମୋତେ ରବିବାର କିମ୍ବା ଅନ୍ୟ ଛୁଟିଦିନରେ ସାଇନ୍ସ ମ୍ୟୁଜିୟମ ଓ ପ୍ଲାନେଟାରିୟମ ଆଦି ବୁଲେଇବାକୁ ନିଅନ୍ତି। ଅଧିକାଂଶ ସମୟରେ ମୋତେ ଐତିହାସିକ ସଂଗ୍ରହାଳୟ ନିଅନ୍ତି। ବିଜ୍ଞାନଭିତ୍ତିକ ସ୍ଥାନ ବୁଲିବା ଦ୍ୱାରା ମୋର ଏହାପ୍ରତି ଆଗ୍ରହ ଧୀରେ ଧୀରେ ବଢ଼ିବାରେ ଲାଗିଛି।

**-ରୁଦ୍ର ପ୍ରସାଦ ମିଶ୍ର**, କ୍ଲାସ୍-୬, ସତ୍ୟଭାମା ଇଂଲିଶ୍ ମିଡିୟମ ସ୍କୁଲ, ପୁରୀ



## ପ୍ରାକ୍ଟିକାଲ କ୍ଲାସ କରିବାକୁ ଭଲ ଲାଗେ



ବହିପାଠ ଠାରୁ ମୋତେ ବିଜ୍ଞାନର ପ୍ରାକ୍ଟିକାଲ୍ କ୍ଲାସ୍ କରିବାକୁ ବହୁତ ଭଲ ଲାଗେ। ତେଣୁ ବହିରେ ପଢୁଥିବା ବିଭିନ୍ନ ପ୍ରକାର ପକ୍ଷୀ, କୀଟପତଙ୍ଗ ଓ ଗଛଲତା ଇତ୍ୟାଦି ବିଷୟରେ ମୁଁ ପ୍ରତ୍ୟକ୍ଷ ଭାବେ ଜାଣିବାକୁ ଇଚ୍ଛା ରଖିଥାଏ। ସେଥିଲାଗି ଏକ ଟେଲିସ୍କୋପ କିଣିଛି। ସେମାନଙ୍କ ବିଷୟରେ ଇଣ୍ଟରନେଟ୍ ମାଧ୍ୟମରେ ସର୍ଚ୍ଚ କରିବା ସହ ପ୍ରତିଟି ଜିନିଷକୁ ମୋ ବିଜ୍ଞାନ ଖାତାରେ ଟିପି ରଖେ। ବିଭିନ୍ନ ଖବରକାଗଜ ଓ ସାଇନ୍ସ ମାଗାଜିନ୍‌ରୁ ତଥ୍ୟଭିତ୍ତିକ ଫଟୋ ଉକ୍ତ ଲେଖା ପାଖରେ ସାଇତି ରଖେ। ଫଳରେ କୌଣସି ତଥ୍ୟକୁ ମନେରଖିବା ପାଇଁ କଷ୍ଟ କରିବାକୁ ପଡେନାହିଁ।

**-ଅଚ୍ୟୁତ ପୁଷ୍ଟି**, କ୍ଲାସ୍-୭, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ପୁରୀ

## ଥିଓରି ସହ ପ୍ରାକ୍ଟିକାଲ ଜରୁରୀ



ଆମ ପରିବେଶରୁ ହିଁ ସୃଷ୍ଟି ହୋଇଥାଏ ବିଜ୍ଞାନ। ଗବେଷଣାରୁ ପ୍ରାପ୍ତ ସତ୍ୟତାକୁ ହିଁ ବିଜ୍ଞାନ କହିଥାଉ। ସଂପ୍ରତି ଆଧୁନିକ ଯୁଗରେ ବିକାଶର ଅନ୍ୟନାମ ହିଁ ବିଜ୍ଞାନ। ସମୟ ସାଥିରେ ତାଳ ଦେଇ ନିଜ ସ୍ୱପ୍ନକୁ ସାକାର କରିବା ଦିଗରେ ସବୁଠି ବିଜ୍ଞାନର ପଦଚିହ୍ନ ଥିବାରୁ ଖାସ୍ କରି ପିଲାମାନଙ୍କ ପାଇଁ ବିଜ୍ଞାନକୁ ଉପଲବ୍ଧି କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଯେପରି ଆଜିର ଶିଶୁ ହେଉଛି ଆସନ୍ତାକାଲିର ଭବିଷ୍ୟତ, ଠିକ୍ ସେହିପରି ଆଜିର ବିଜ୍ଞାନ ହେଉଛି ଆସନ୍ତାକାଲିର ଆଧାର। ପେନ୍‌ରୁ ପ୍ଲେନ୍, ମୋବାଇଲ୍‌ରୁ ମିସାଇଲ୍ ଯେଉଁଠି ଚାହିଁଲେ ଦେଖିବା ବିଜ୍ଞାନର କରାମତି। ତେଣୁ ଉପଯୁକ୍ତ ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ସମାଜର ପ୍ରତିଟି ଶିଶୁଙ୍କଠାରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ସମୟର ସବୁଠାରୁ ବଡ଼ ଆହ୍ୱାନ। ଯେହେତୁ ପ୍ରକୃତିରୁ ପ୍ରାପ୍ତ ସତ୍ୟାସତ୍ୟ ଜ୍ଞାନ ହିଁ ବିଜ୍ଞାନ। ତେଣୁ ପିଲାଙ୍କୁ ପୁସ୍ତକ ଜ୍ଞାନ ସହ ପ୍ରାକ୍ଟିକାଲ ଶିକ୍ଷା ଦେବା ଏକାନ୍ତ ଜରୁରୀ। ଜଣେ ବିଜ୍ଞାନ ଶିକ୍ଷକ ଭାବେ ବୈଜ୍ଞାନିକ ଚିନ୍ତନ ସହ ଦୈନନ୍ଦିନ ଜୀବନରେ ଏହାର ଠିକ୍ କାର୍ଯ୍ୟକାରିତା ଉପରେ ଧ୍ୟାନ ଦେବାକୁ ମୁଁ ପିଲାମାନଙ୍କୁ ପ୍ରବର୍ତ୍ତାଇଥାଏ। ନିଜ ଜୀବନର ମୂଲ୍ୟବୋଧକୁ ବୁଝିବା, ସବୁକାର୍ଯ୍ୟରେ ଭାଗ୍ୟ ଉପରେ ବିଶ୍ୱାସ ନ କରି କର୍ମ ଉପରେ ଗୁରୁତ୍ୱ ଦେବା, ଜୀବନରେ ଦୃଢ଼ମନା ହୋଇ କାର୍ଯ୍ୟ କରିବା। ମୋ ମତରେ ପିଲାମାନଙ୍କ ଭିତରେ ବିଜ୍ଞାନର ସତ୍ୟାସତ୍ୟକୁ ଜାଣିବାର ଜିଦ୍ ରହିଲେ ସେମାନେ ଜୀବନରେ ସଫଳତା ପାଇପାରିବେ। ଆମ ବିଦ୍ୟାଳୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ଓ ପ୍ରାକ୍ଟିକାଲ ନଲେଜ ଲାଗି ଅନେକ ନୂତନ ପନ୍ଥା ଆପଣେଇଛୁ। ପ୍ରତିବର୍ଷ ୨ରୁ ୩ଟି ନୂଆ ପ୍ରୋଜେକ୍ଟ କ୍ଲାସ୍ କରୁଛୁ। ସେଥିମଧ୍ୟରୁ ଭଲ ପ୍ରୋଜେକ୍ଟ ରାଜ୍ୟସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହେଉଛି। ପ୍ରତିଦିନ ସାଇନ୍ସ କ୍ଲାସ୍ କରିବା ପରେ ସାଇନ୍ସ ଲାବ୍‌କୁ ପିଲାଙ୍କୁ ନେଇ ସେହିଦିନ ପଢ଼ା ଯାଇଥିବା ବିଷୟର ପ୍ରାକ୍ଟିକାଲ ଦେଖାଉଛୁ, ଯାହାଦ୍ୱାରା ସେମାନେ ବେଶି ଉପକୃତ ହେଉଛନ୍ତି। ଆଉ ଏହା ସହ ଲାଇବ୍ରେରିରେ ଥିବା ବିଜ୍ଞାନଭିତ୍ତିକ ବହି ମଧ୍ୟ ପିଲାମାନଙ୍କୁ ପଢ଼ିବାକୁ ଦିଆଯାଉଛି।

**-ରମେଶ କୁମାର ସାହୁ**, ବିଜ୍ଞାନ ଶିକ୍ଷକ, ବନମାଳୀପୁର ହାଇସ୍କୁଲ, ବନମାଳୀପୁର, ଖଣ୍ଡପଡ଼ା



୧



୨



୩



୪




୫



୬



୭



୧
**ସୁମେଧା ମିଶ୍ର**
କ୍ଲାସ- ୮, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



୨
**ସୌରଭ ରଞ୍ଜନ କର**
କ୍ଲାସ-୪, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜ ଛକ, କଟକ



୩
**ଆର୍ଯ୍ୟା ମହାନ୍ତି**
କ୍ଲାସ-୨, ଡିଏଭି ପବ୍ଲିକ ସ୍କୁଲ, ନିମାପଡା



୪
**ଅଭିସୁମତ ସାମଲ**
କ୍ଲାସ- ୨, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର



୫
**ଖ୍ରୀଶା ମହାନ୍ତି**
କ୍ଲାସ- ୬, ଡିଏଭି ପବ୍ଲିକ ସ୍କୁଲ, ନିମାପଡା



୬
**ସ୍ନେହାରାଣୀ ସାହୁ**
କ୍ଲାସ- ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମେଲଛାମୁଣ୍ଡା, ବରଗଡ଼



୭
ଅୟସକାନ୍ତ ସାହୁ
କ୍ଲାସ- ୫, କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# କୁନି ଆଇନଷ୍ଟାଇନ

ପିଲାମାନେ ତୁମେ ଭାରତର ସବୁ ରାଜ୍ୟର ରାଜଧାନୀ ଗୋଟିଏ ମିନିଟ୍‌ରେ କହିପାରିବ। ଆଶ୍ଚର୍ଯ୍ୟ ଲାଗୁଛି ନା। ହେଲେ ତୁମପରି ୪ବର୍ଷର କନ୍‌ୱର ପ୍ରତାପ ସିଂ ଦେଶର ସବୁ ରାଜ୍ୟର ରାଜଧାନୀକୁ ୪୮ସେକେଣ୍ଡରେ କହି ଗିନିଜ ରେକର୍ଡ କରିଛନ୍ତି। ପଞ୍ଜାବର ଏହି ଆଶ୍ଚର୍ଯ୍ୟ ବାଳକ ୨୩ମିନିଟ୍ ୪୮ସେକେଣ୍ଡରେ ୨୭ଖଣ୍ଡ ବହି ପଢ଼ିପାରୁଛନ୍ତି। ମାତ୍ର ଏତିକିରେ କନ୍‌ୱରଙ୍କ ପ୍ରତିଭା ସରିନାହିଁ। ସେ ଭାରତର ୨୭ଟି ପୁରାତନ ଭାସ୍କର୍ଯ୍ୟ ଏବଂ ୧୪ଟି ପଣିକିଆ ଟେବୁଲ୍‌କୁ ଗୋଟିଏ ମିନିଟ୍‌ରେ କହିପାରୁଛନ୍ତି। କନଓ୍ୱରଙ୍କ ସ୍ମରଣଶକ୍ତି ଏତେ ପ୍ରଖର ଯେ ସେ ଗୋଟେ ବର୍ଷ ପୂର୍ବର ଯେକୌଣସି କଥାକୁ ମନେରଖିପାରନ୍ତି ଏବଂ ପଚାରିଲେ ସାଙ୍ଗେସାଙ୍ଗେ କହି ବି ଦିଅନ୍ତି। ସେ ବହି ପଢ଼ିବାକୁ ବହୁତ ଭଲ ପାଆନ୍ତି। ବିନା ତ୍ରୁଟିରେ ସେ ଯେକୌଣସି ଶବ୍ଦକୁ କହି ବି ପାରନ୍ତି। ଏଥିସହ ସେ ୧ରୁ ୪୦ଯାଏ ଟେବୁଲ୍ ମନେରଖିଛନ୍ତି, ବିଶ୍ୱର ସବୁ ଦେଶର ରାଜ୍ୟର ରାଜଧାନୀକୁ ସେ ମୁଖସ୍ଥ କରି ରଖିଛନ୍ତି। କମ୍ ବୟସରେ ସେ ହରଣ, ଗୁଣନ, ମିଶାଣ ଓ ଫେଡ଼ାଣ ଦ୍ୱାରା ଗଣିତର ସବୁ ଅଙ୍କକୁ ସମାଧାନ ମଧ୍ୟ କରିପାରୁଛନ୍ତି। କନଓ୍ୱର ୪ବର୍ଷ ବୟସ ଭିତରେ ବିଭିନ୍ନ ଅଲିମ୍ପିଆଡ୍ ପ୍ରତିଯୋଗିତାରେ ଭାଗ ମଧ୍ୟ ନେଇଛନ୍ତି। ଏଥିପାଇଁ ସେ କୁନି ଆଇନଷ୍ଟାଇନ ଭାବେ ପରିଚିତ ହୋଇପାରିଛନ୍ତି।



## ଏଥର ର



- ସଂସଦର ଦୁଇଟି ଗୃହର ନାମ କ'ଣ ?
- କ୍ଷେତ୍ରଫଳ ଅନୁସାରେ ଭାରତର କ୍ଷୁଦ୍ରତମ ରାଜ୍ୟ କେଉଁଟି ?
- ରାମାୟଣ ଗ୍ରନ୍ଥର ରଚୟିତା କିଏ ?
- ଭାରତର ନୀଳ ସହର କାହାକୁ କୁହନ୍ତି ?
- ଭାରତ ସହ ସବୁଠାରୁ କମ୍ ସୀମା ଲାଗିଥିବା ପଡୋଶୀ ଦେଶ କିଏ ?




## ଗତଥର ର

- ଭ୍ୟୋମିତ୍ର
- ଗଗନୟାନ
- ବେଙ୍ଗାଲୁରୁ
- ନୀରଜ ଚୋପ୍ରା
- ସଚିନ ତେନ୍ଦୁଲକର





## କବିତା

# ଫୁଲ ଫୁଟିଲାଣି ସୋରିଷ

ମାସ ମାର୍ଗଶିର ହସେ ଗୁରୁବାର
ଫୁଲ ଫୁଟିଲାଣି ସୋରିଷ
ଡଉଲଡାଉଲ ଦିଶେ ଧାନବିଲ
ପାଇ ମହାଲକ୍ଷ୍ମୀ ଆଶିଷ !
ଓଡ଼ିଆ ଘରଣୀ ମାଣ ଓ ଗଉଣି
କୁଲା ଧୋଇ ଝୋଟି ଆଙ୍କିଛି
ଥୋଇ ଧାନବେଣି ଲକ୍ଷ୍ମୀ ଠାକୁରାଣୀ
ପାଦ ପୂଜିବାକୁ ବସିଛି !
ଜଗତର ମାତା ସାଗର ଦୁହିତା
ଗଜ ବାହନରେ ଆସିବେ
ନଗର ବୁଲିବେ ଭକତ ଖୋଜିବେ
ପଦୁଅଁ ଫୁଲରେ ବସିବେ !
କେଉଁ ଭକ୍ତଘର ଅଛି ପରିଷ୍କାର
କାହାର ନିର୍ମଳ ଭକତି
ନିଜେ ପରଖିବେ ଆଶୀର୍ବାଦ ଦେବେ
ସଂସାରୁ କରିବେ ମୁକତି !
ସମସ୍ତଙ୍କ ପାଇଁ ଆହାର ଯୋଗାଇ
ପଡ଼ିଦାତ୍ରୀ ନାମ ବୋଲାଇ
ଲକ୍ଷ୍ମୀଙ୍କ ଦୟାରୁ ବଡ଼ ଦେଉଳରୁ
ଜାତିପ୍ରଥା ଗଲା ଦୂରେଇ !

**–ଜଗଦୀଶ ସାହୁ**
ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬



# ଶୀତ ସକାଳ

ଶୀତ ସକାଳର କଅଁଳ ଖରା
ଦେହକୁ ବଢ଼ିଆ ଲାଗଇ ପରା
ଅଳସୁଆ ଆମ ସିପୁ
ଶୋଇଅଛି ବୋଲି ଡାକିଲେଣି ଆସି
କାଳିଆ ଶୁକୁଟା ଦୀପୁ।
ଗାଆଁ ଶେଷମୁଣ୍ଡେ ଏକାଠି ହୋଇ
କାଠି କୁଟା ସବୁ ଗୋଟେଇ ନେଇ
ଲଗେଇ ଦେଲେରେ ନିଆଁ
ନିଆଁ ପୁଇଁବାକୁ କମ୍ବଳ ନ କାଢ଼ି
ଧଡ଼ିଆ ମାରିଲା ଡିଆଁ।
କଅଁଳ ଘାସରେ କାକରଟୋପା
ସୂରୁଯ କିରଣେ ଦିଶଇ ତୋଫା
କ୍ଷେତରେ ପାଚିଲା ଧାନ
ଶଗଡ଼ ପିଠିରେ ସୁନାର ଫସଲ
କିଣି ନିଏ ଚାଷୀ ମନ।
ବାଡ଼ି ବଗିଚାରେ ଫୁଲର ସମ୍ଭାର
ନାଲି ନେଳି ରଙ୍ଗ କେତେ ପ୍ରକାର
ସଫା ତୁଠ ବାଟ ଘାଟ
ଭଳି ଭଳି ପନିପରିବାରେ ପରା
ଘୋ ଘା ଗାଆଁ ହାଟ।
ଆହାକି ସୁନ୍ଦର ଶୀତ ସକାଳ
ମନ ଲୋଡ଼େ ନାହିଁ ଆଉ ଶୀତଳ
ଖୋଜେ ବାମ୍ଫ ଉଠା ଆହାର
ଶୀତ ଅଛି ବୋଲି କେଡ଼େ ସୁନ୍ଦରିଆ
ଦିଶୁଛି ଭିତର ବାହାର।

**–ପ୍ରକାଶ କୁମାର ଚାନ୍ଦ**
ଜୟପୁରଶାସନ, ପିପିଲି, ପୁରୀ
ମୋ: ୭୦୦୮୯୨୫୯୫୪

# ଶୀତର ମଜା

ହେଇ ଶୀତଋତୁ ଆସିଲାଣି
ମାର୍ଗଶିର ମାଣ ବସିଲାଣି,
ଘାସ ପତରର କାକର ବିନ୍ଦୁଏ
ହୀରା,ମୋତି ସମ ଦିଶିଲାଣି।
ପଞ୍ଚୁକ ବୋଇତ ଗଲା ଚାଲି
ଲକ୍ଷ୍ମୀ ମାଣବସା ଏବେ ଖାଲି
ଝୋଟି, ଚିତା ସଙ୍ଗେ ମୁରୁଜଛିଟା
ଚାରିଆଡ଼େ ଝିଲିମିଲି ଖାଲି।
ଉତ୍ତରା ପବନ ବହିଲାଣି
ଶୀତ ଶୀତ ଏବେ ଲାଗିଲାଣି,
ପାଚିଲା ଧାନକୁ ତରତର କରି
ଚାଷୀଭାଇ ବିଲେ କାଟିଲାଣି।
ଶୀତ ଫସଲର ସମ୍ଭାର ହୋଇବ
ସୋରିଷ କିଆରି ସଙ୍ଗେ ମୁଗ।
ଛ'ମାସି ପରୀକ୍ଷା ଯିବ ସରି
ଧାନକଟା ଛୁଟି ଯାଉ ସରି
ବାରଷିକ କ୍ରୀଡ଼ା ଆଗକୁ ଆସୁଛି
ବଣଭୋଜି ହେବ ଆଗ ପରି।
ଶୀତଟା ଏମିତି ମିତଟିଏ
ସବୁ ମଜା ଆଣି ଆସିଥାଏ
ସାଥେ ସାଥେ କିଛି ଦୁଃଖ ଦେଇଯାଏ
ତଥାପି ସଭିଙ୍କ ପ୍ରିୟ ଇଏ।

**–ଶିବ ପ୍ରସାଦ ରାଉତ**
ବଛଦା, ବାସୁଦେବପୁର,ଭଦ୍ରକ
ମୋ– ୮୧୪୪୨୨୮୧୧୫

# କହିଲ ଦେଖି

ଯା'ର ପାଖେ ଥାନ୍ତି ଅଭାବ ଶୂନ
ରାଗିଗଲେ ଦୁଃଖେ କଟଇ ଦିନ।
ସଭିଙ୍କର ସିଏ ଅଟନ୍ତି ମାଆ
ଶ୍ରଦ୍ଧାରେ ପୂଜିଲେ ହୁଅନ୍ତି ସାହା।
ସାଗର ମନ୍ଥନୁ ବାହାର ହେଲେ
ସାରା ଜଗତକୁ ପାଳନ କଲେ,
ସାଗର ଦୁଲଣୀ ବିଷ୍ଣୁଙ୍କ ରାଣୀ
କିଏ ସିଏ ଦେବୀ କୁହ ତ ପୁଣି ?



**ଉତ୍ତର– ମାଆ ଲକ୍ଷ୍ମୀ**

ନୀତି ନିୟମରେ ଭରି ରହିଅଛି
ଓଡ଼ିଆ ଘରର ପ୍ରିୟ,
ଏ ବହି ପଢିକି ମାନିକି ଚଳିଲେ
ଜୀବନଟା ସୁଖମୟ।
ମାର୍ଗଶୀର ମାସ ଗୁରୁବାର ଦିନ
ଏ ପୁରାଣ ହୁଏ ଖୋଜା,
ବଳରାମ ଦାସ ରଚୟିତା ଭାବେ
ଉଡୁଅଛି ତାଙ୍କ ଧ୍ୱଜା।




**ଉତ୍ତର– ଲକ୍ଷ୍ମୀ ପୁରାଣ**

ଓଡ଼ିଆମାନଙ୍କ ପ୍ରିୟ ପରବ
ସେଥିପାଇଁ ମନେ ଭାରି ଗରବ।
ଝୋଟି ଚିତା ଦେଇ ଖୁସି ମନରେ
ମାର୍ଗଶୀର ଗୁରୁବାର ଦିନରେ,
ଶ୍ରଦ୍ଧାରେ ପୂଜନ୍ତି ମାଆ ଲକ୍ଷ୍ମୀଙ୍କୁ
କହିଦିଅ ନାମ ଜଣା ଯାହାକୁ।



**ଉତ୍ତର– ମାଣବସା**

ମାଣବସା ଦିନ ଲୋଡା ହୋଇଥାଏ
ମାଆ ଲକ୍ଷ୍ମୀଙ୍କର ଭାରି ପ୍ରିୟ ଇଏ,
ଶ୍ୱେତ ବର୍ଣ୍ଣ ଦେହ ମନ କିଣି ନିଏ
ଅରୁଆ ଚାଉଳ ବାଟି ଦେଲେ ହୁଏ।
ତୋଷ କରେ ମନ ସିଏ
କୁହ ଏଇ ଚିଜ କିଏ ?



**ଉତ୍ତର– ଝୋଟି ଚିତା**

**–ଲକ୍ଷ୍ମୀଧର ନାୟକ**
ବାଉଁଶିଆପଡା, ନୟାଗଡ଼, ମୋ: ୮୨୭୦୩୭୨୪୯୮

## କିପରି ନିଃଶ୍ୱାସ ନିଏ ଗେଣ୍ଡା

ଗେଣ୍ଡା ଶରୀରର ତଳ ଭାଗରେ ଏକ ମାଂସପିଣ୍ଡୁଳା ରହିଛି ଯାହାକୁ ମାଣ୍ଟଲ କୁହନ୍ତି । ସେ ଏହା ମାଧ୍ୟମରେ ନିଃଶ୍ୱାସ ନେଇଥାଏ । ଏମାନେ ବହୁତ ଧୀର ଗତିରେ ଚାଲନ୍ତି ।  ଏମାନଙ୍କ ଜୀବନକାଳ ୫-୧୦ ବର୍ଷ ହୋଇଥାଏ । ଗେଣ୍ଡାକୁ ସାପ, ବେଙ୍ଗ ଓ ପକ୍ଷୀ ଖାଇଥାଆନ୍ତି । ମାଟି ଉପରେ  କେତେକ ଗେଣ୍ଡା ରହୁଥିବା ବେଳେ ଆଉ କେତେକ ପାଣିରେ ରହିବାକୁ ପସନ୍ଦ କରନ୍ତି । ଏମାନଙ୍କର ରଙ୍ଗ ସାଧାରଣତଃ କଳା ଏବଂ ମାଟିଆ ।



## ବୃକ୍ଷରେ କେବେ ବସେନି

ପାଇପର ପକ୍ଷୀ କେବେ ବୃକ୍ଷରେ ବସେନି ।  ଏହି ପକ୍ଷୀ ରାତିରେ ବିଶ୍ରାମ ନିଅନ୍ତି ଏବଂ ଦିନ ସମୟରେ ହିଁ ବାହାରକୁ ବାହାରିଥାଆନ୍ତି । ଯଦି କୌଣସି  ପ୍ରାଣୀ ଏମାନଙ୍କ ନିକଟକୁ ଆସନ୍ତି, ଏମାନେ ଜୋରରେ ରାବ କରିଥାଆନ୍ତି । ଏହି ପକ୍ଷୀ ନଦୀ ଓ ପୋଖରୀ କୂଳରେ ଦେଖିବାକୁ ମିଳନ୍ତି ।  ଏମାନେ ପୋକଜୋକ, ମାଟି ଉପରେ ପଡ଼ିଥିବା ଫଳ ମଞ୍ଜି ଆଦି ଖାଇଥା'ନ୍ତି । ଏମାନଙ୍କର ମୁଣ୍ଡ ଗୋଲ, ବେକ ଛୋଟ , ଗୋଡ଼ ଓ ଥଣ୍ଟ ଲମ୍ବା ହୋଇଥାଏ । ପାଇପର ପକ୍ଷୀଙ୍କ ଅଣ୍ଡା ପଥର ସଦୃଶ ଦେଖାଯାଏ । ଫଳରେ ଏମାନେ ତାଙ୍କ ଅଣ୍ଡାକୁ ଅନ୍ୟ ପ୍ରାଣୀଙ୍କଠାରୁ ସହଜରେ ସୁରକ୍ଷା ଦେଇପାରନ୍ତି ।





## ଖାଦ୍ୟ ନ ମିଳିଲେ  ମରିଯାନ୍ତି

ଚୁଚୁନ୍ଦ୍ରା ସବୁବେଳେ କିଛି ନା କିଛି ଖାଦ୍ୟ ଖାଇଥାଏ । ଯଦି ପ୍ରାୟ ୧୨ଘଣ୍ଟା ପର୍ଯ୍ୟନ୍ତ ଖାଦ୍ୟ ଖାଇବାକୁ ନ ମିଳେ, ତେବେ ତାଙ୍କର ମୃତ୍ୟୁ ହେବାର ଯଥେଷ୍ଟ ଆଶଙ୍କା ରହିଛି । ଏମାନେ ହେଉଛନ୍ତି ସ୍ତନ୍ୟପାୟୀ  ପ୍ରାଣୀ ।  ଚୁଚନ୍ଦ୍ରା ଯେଉଁଠି ରୁହନ୍ତି, ସେଠାରେ ସାପ ଏବଂ ମୂଷା, ପୋକଜୋକ ଆଦି ଦେଖିବାକୁ ମିଳନ୍ତି ନାହିଁ । ଏମାନେ  କରିଥିବା ଗାତକୁ  ଅନ୍ୟ ପ୍ରାଣୀମାନେ ସହଜରେ ପ୍ରବେଶ କରିପାରନ୍ତି ନାହିଁ ।

## ବେଙ୍ଗ ମଧୁର ଜଳରେ ରହିବାକୁ ପସନ୍ଦ କରେ

ବେଙ୍ଗ ଲୁଣି ପାଣିରେ ନ ରହି ମଧୁର ପାଣିରେ ରହିବାକୁ ପସନ୍ଦ କରନ୍ତି । ବେଙ୍ଗ ପାଣିକୁ ତା' ତ୍ୱଚା ମାଧ୍ୟମରେ ଶୋଷିଥାଏ । କାନାଡ଼ାରେ ଦେଖାଯାଉଥିବା ବୁଲ୍-ଫ୍ରଗ୍ ପ୍ରଜାତିର ବେଙ୍ଗ ରଡି ଖୁବ୍ ଜୋର । ଯାହାର ଶବ୍ଦ ଏକ-ଦୁଇ ମାଇଲ୍ ପର୍ଯ୍ୟନ୍ତ ସହଜରେ ଶୁଣାଯାଇଥାଏ । ବର୍ଷାଋତୁ ଏମାନଙ୍କ ପ୍ରିୟ ।



# ଆ ଇ ନା



ଟୁଲିପ୍ ତନୟା ମିଶ୍ର
୭ ବର୍ଷ / ଭୁବନେଶ୍ୱର

ଦେବଦ୍ୟୁମ୍ନା ପତି
୫ ବର୍ଷ / ଭଦ୍ରକ

